# NATIONAL NEWS BULLETIN (ODIA)

**28 June - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ନିଟ୍ ୟୁଜି ପରୀକ୍ଷା ଅନିୟମିତତା ଉପରେ ବିରୋଧୀଙ୍କ ଲୋକସଭାରେ ଆଲୋଚନା ଦାବି

– ଆଜି ଦିନକ ପାଇଁ ଗୃହ ମୁଲତବୀ ଘୋଷଣା କଲେ ବାଚସ୍ପତି

–ରାଜ୍ୟସଭାରେ ସମାନ ପରିସ୍ଥିତି ସତ୍ତ୍ୱେ ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଜାରି

- ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଜାମିନ ପ୍ରଦାନ କଲେ ହାଇକୋର୍ଟ
- କର୍ଣ୍ଣାଟକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୧୩ ମୃତ ୪ ଗୁରୁତର ।
- ହିନ୍ଦୀ ସାହିତ୍ୟର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡକ୍ଟର ଉଷା ଠାକୁରଙ୍କୁ ମିଳିଲା ବିଶ୍ୱ ହିନ୍ଦୀ ସମ୍ମାନ

ଏବଂ

- ଆଇସିସି ଟି-୨୦ କ୍ରିକେଟ୍ ବିଶ୍ୱକପ୍ ଫାଇନାଲ୍‌ରେ ଆସନ୍ତାକାଲି ମୁହାଁମୁହିଁ ହେବେ ଭାରତ ଓ ଦକ୍ଷିଣ ଆଫ୍ରିକା

---

## ସଂସଦ ଅଧିବେଶନ

ନିଟ୍ ୟୁଜି ମେଡ଼ିକାଲ ପ୍ରବେଶିକା ପରୀକ୍ଷାରେ ହୋଇଥିବା ଅନିୟମିତତା ଉପରେ ଆଲୋଚନା ନେଇ ବିରୋଧୀଦଳ ଗୁଡ଼ିକ ପକ୍ଷରୁ

ବିରୋଧ ପ୍ରଦର୍ଶନ କରାଯିବାରୁ ଆଜି ଦିନକ ପାଇଁ ଲୋକସଭାର ଅଧିବେଶନକୁ ସ୍ଥଗିତ ରଖାଯାଇଛି । ପ୍ରଥମେ ଗୃହକୁ ୧୨ଟା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା । ପୁଣି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି, ସମାଜବାଦୀ ପାର୍ଟି ଏବଂ ଅନ୍ୟ ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ଆସନ ନିକଟକୁ ଆସି ପ୍ରଦର୍ଶନ କରିଥିଲେ । ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଥିଲେ ନିଟ୍ ୟୁଜି ପରୀକ୍ଷା ବିବାଦ ଉପରେ ବିଚାର ଲାଗି ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି ସେ କହିଥିଲେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସଂସଦକୁ ଚାଲିବାକୁ ନ ଦେବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ସେ କହିଥିଲେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବକୁ ନେଇ ଚର୍ଚ୍ଚା ସମୟରେ ଏହି ପ୍ରସଙ୍ଗ ଉଠାଯାଇ ପାରିବ ।

ନିଟ୍ ବିବାଦ ଉପରେ ବିରୋଧୀଙ୍କ ଆଲୋଚନା ଦାବିକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ପ୍ରତ୍ୟାଖ୍ୟାନ କରି କହିଥିଲେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ କୌଣସି ଆଲୋଚନା ସମୟରେ ଅନ୍ୟ କୌଣସି ପ୍ରସଙ୍ଗରେ ଆଲୋଚନା ହେବାର ପରମ୍ପରା ନାହିଁ । ଏହି ପ୍ରସଙ୍ଗରେ ଶ୍ରୀ ରିଜିଜୁ କଂଗ୍ରେସ ସମେତ ଅନ୍ୟ ବିରୋଧୀଦଳ ଗୁଡ଼ିକୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ସରକାର ଯେକୌଣସି ଆଲୋଚନାର ଉତ୍ତର ଦେବା ପାଇଁ ପ୍ରସ୍ତୁତ ଅଛନ୍ତି । ତେବେ ବିରୋଧୀ ସଦସ୍ୟଙ୍କ ପ୍ରଦର୍ଶନ ବଢ଼ିବାରୁ ବାଚସ୍ପତି ଆଜି ଦିନକ ପାଇଁ ଲୋକସଭାକୁ ମୁଲତବୀ ଘୋଷଣା କରିଥିଲେ ।

ଆଜି ସକାଳେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ ଦଳ ଦ୍ୱାରା ଦିଆଯାଇଥିବା ନିଟ୍ ଅନିୟମିତତା ଆଲୋଚନା ପ୍ରସଙ୍ଗ ପ୍ରସ୍ତାବକୁ ବାଚସ୍ପତି

ଖାରଜ କରିଦେବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହା ପୂର୍ବରୁ କିଛି ନୂଆସାଂସଦଙ୍କୁ ଶପଥ ଗ୍ରହଣ କରିବା ପାଇଁ ଡକାଯାଇଥିଲା । ପରେ ପୂର୍ବତନ ସାଂସଦଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

ରାଜ୍ୟସଭାରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ ଦିନ ୧୨ଟା ପରେ ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଲୋଚନା ଜାରି ରହିଥିବା ଜଣାପଡ଼ିଛି । ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନାର ଉତ୍ତର ଦେବେ । ପ୍ରଧାନମନ୍ତ୍ରୀ ଆସନ୍ତା ଜୁଲାଇ ୨ ତାରିଖରେ ଲୋକସଭାରେ ଏବଂ ୩ ତାରିଖରେ ରାଜ୍ୟସଭାରେ ଉତ୍ତର ଦେବାର କାର୍ଯ୍ୟକ୍ରମ ରହିଛି ।

---

# ସୋରେନ-କଷ୍ଟଡି

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ନେତା ହେମନ୍ତ ସୋରେନ୍‌ଙ୍କୁ ଆଜି ଝାଡ଼ଖଣ୍ଡ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି । ବେନିୟମ ଭାବେ ୮ ଏକରରୁ ଅଧିକ ସମ୍ପତ୍ତି ହାସଲ କରିବା ଏବଂ ଏଥିସହିତ ସଂପର୍କିତ ଅର୍ଥ ଠକେଇ ମାମଲାରେ ଜାମିନ ପ୍ରଦାନ କରାଯାଇଛି ।

ଗତକାଲି ଶ୍ରୀ ସୋରେନଙ୍କ ବିଚାର ବିଭାଗୀୟ ହାଜତ ସୀମା ୧୪ ଦିନ ବୃଦ୍ଧି କରାଯାଇଥିଲା । ରାଞ୍ଚି ସ୍ଥିତ ଏକ ସ୍ୱତନ୍ତ୍ର ପି.ଏମ୍.ଏଲ୍.ଏ. କୋର୍ଟ୍ ଶ୍ରୀ ସୋରେନ୍‌ଙ୍କୁ ଅର୍ଥ ଠକେଇ ଓ ଜମି ଦୁର୍ନୀତି ମାମଲାରେ ହାଜତ ମିଆଦ ବୃଦ୍ଧି କରିଥିଲେ । ତାଙ୍କ ସହ ଅନ୍ୟ ୧୧ ଜଣ ଅଭିଯୁକ୍ତଙ୍କୁ ଗତକାଲି ମଧ୍ୟ

ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ନ୍ୟାୟାଳୟରେ ହାଜର କରାଯାଇଥିଲା । ସମସ୍ତ ଅଭିଯୁକ୍ତଙ୍କୁ ଆସନ୍ତା ଜୁଲାଇ ୧୧ରେ  ପୁଣି ହାଜର ହେବା ନେଇ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ।  ଗତ ଜାନୁଆରୀ ୩୧ରେ ଜମି ଦୁର୍ନୀତି ମାମଲା ଓ ଅର୍ଥ ହେର୍‌ଫେର୍ ଘଟଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଶ୍ରୀ ସୋରେନ୍‌ଙ୍କୁ ଗିରଫ୍ କରିଥିଲା ।

## ନାସା

ମହାକାଶଚାରୀ ସୁନିତା ୱିଲିୟମ୍ସ ଏବଂ ବୁଚ୍ ୱିଲ୍‌ମୋର୍‌ଙ୍କ ପ୍ରତ୍ୟାବର୍ତ୍ତନ ନେଇ ବିଳମ୍ବ ଘଟିଛି । ପୂର୍ବରୁ ଷ୍ଟାର୍ ଲାଇନର୍ ପକ୍ଷରୁ ଯେଉଁ ସମୟ ନିର୍ଦ୍ଧାରଣ କରାଯାଇଥିଲା ତାହା ବାତିଲ ହେବା ପରେ ଏବେ ଆସନ୍ତା ଜୁଲାଇ ୬ରେ ସେମାନେ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଛି । ପ୍ରାରମ୍ଭରେ ଏହି ଅଭିଯାନ ୮ ଦିନ ପାଇଁ ଥିଲେ ମଧ୍ୟ ଏବେ ତାହା ଏକ ମାସ ହେବାକୁ ଯାଉଛି । କେତେକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଦୁଇ ମହାକାଶଚାରୀଙ୍କ ପ୍ରତ୍ୟାବର୍ତ୍ତନ ନେଇ ନାସା ଏବଂ ବୋଇଙ୍ଗ୍‌କୁ ଦୋଷାରୋପ କରାଯାଇଛି । ଜୁନ୍ ୫ ତାରିଖରେ ମହାକାଶ ଯାତ୍ରା ପୂର୍ବରୁ ଷ୍ଟାର୍ ଲାଇନର୍ ମହାକାଶ ଯାନରେ  ହିଲିୟମ୍ ଲିକ୍ ଥିବା ଜଣାପଡ଼ିଥିଲେ ମଧ୍ୟ ସେମାନଙ୍କୁ ମହାକାଶକୁ ପଠାଯାଇଥିଲା । ଜୁନ୍ ୧୩ରେ ଏବଂ ପରେ ଜୁନ୍ ୨୬ରେ ଦୁଇ ମହାକାଶଚାରି ଭୂପୃଷ୍ଠକୁ ପ୍ରତ୍ୟାବର୍ତ୍ତନ ଲାଗି ତାରିଖ ସ୍ଥିର ହୋଇଥିଲେ ମଧ୍ୟ, ବାତିଲ କରାଯାଇଥିଲା । ଏବେ ନାସା ପକ୍ଷରୁ ପ୍ରତ୍ୟାବର୍ତ୍ତନର କୌଣସି ନୂଆ ତାରିଖ ଦିଆଯାଇ ନାହିଁ । ସମ୍ପୃକ୍ତ ମହାକାଶ ଯାନରେ ୫ଟି ହିଲିୟମ୍ ଲିକ୍ ହୋଇଥିବା ଜଣାପଡ଼ିଛି । ଏହାଛଡ଼ା ମହାକାଶ ଯାନର ୨୮ଟି ଥ୍ରଷ୍ଟର୍ ମଧ୍ୟରୁ ୫ଟିରେ ତ୍ରୁଟି ରହିଥିବା କୁହାଯାଇଛି । ସୂଚନା ଅନୁଯାୟୀ ୨୮ଟି ମଧ୍ୟରୁ ୧୪ଟି ଥ୍ରଷ୍ଟର୍ ସଠିକ୍

ଭାବେ କାମ କରୁଥିଲେ, ମହାକାଶ ଯାନକୁ ନିରାପଦ ଭାବରେ ଭୂପୃଷ୍ଠକୁ ଫେରାଇ ଆଣିହେବ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୧୧ତମ ସଂସ୍କରଣ ହେବ । ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ପ୍ରଥମ ମନ୍ କି ବାତ୍ କାର୍ଯ୍ୟକ୍ରମ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ବାଙ୍ଗଲାଦେଶ ଆଇଏମ୍ଏଫ୍

ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ବାଙ୍ଗଲାଦେଶକୁ ୧ ଦଶମିକ ୧/୫ ବିଲିୟନ ଡଲାର ଋଣ ପ୍ରଦାନ କରିଛି । ୪ ଦଶମିକ ୭ ବିଲିୟନ ଡଲାର ସମ୍ବଳିତ ଋଣ ପ୍ୟାକେଜ୍‌ର ଏହା ତୃତୀୟ କିସ୍ତି । ଏହାଛଡ଼ା ପୁନର୍ଗଠନ ଓ ବିକାଶ ଆନ୍ତର୍ଜାତିକ ବ୍ୟାଙ୍କଠାରୁ ବାଙ୍ଗଲାଦେଶକୁ ୯ଶହ ମିଲିୟନ ଡଲାରର ଋଣ ମିଳିଛି । ୨୦୨୨ ମଧ୍ୟଭାଗରେ ବାଙ୍ଗଲାଦେଶର ଅର୍ଥବ୍ୟବସ୍ଥା ସଂକଟ ମଧ୍ୟକୁ ଗତି କରିଥିଲା । ବିଦେଶୀ ମୁଦ୍ରା ଭଣ୍ଡାର ହ୍ରାସ ପାଇବା ଯୋଗୁଁ ବାଙ୍ଗଲାଦେଶକୁ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଏବଂ ଅନ୍ୟ ବିଦେଶୀ ଋଣଦାତାଙ୍କଠାରୁ ଋଣ ନେବାକୁ ପଡ଼ିଥିଲା । ତେବେ ଆସନ୍ତା ୩ ବର୍ଷ ମଧ୍ୟରେ ବାଙ୍ଗଲାଦେଶକୁ ଏହି ସବୁ ଋଣ ପୈଠ କରିବାକୁ ପଡ଼ିବ ବୋଲି ଜଣାପଡ଼ିଛି ।

## କର୍ଣ୍ଣାଟକ ଆକ୍ସିଡେଣ୍ଟ

କର୍ଣ୍ଣାଟକର ହାବେରୀ ଜିଲ୍ଲା ଅନ୍ତର୍ଗତ ଗୁଣ୍ଡନହଲି ଛକ ନିକଟରେ ଏକ ଟ୍ରକ୍ ସହ ଟେମ୍ପୋ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୩ଜଣ ଲୋକଙ୍କର ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୮ ଜଣ ମହିଳା ଏବଂ ୨ ଜଣ ଶିଶୁ ରହିଛନ୍ତି । ଆଜି ସକାଳେ ପୁଣେ-ବେଙ୍ଗାଲୁରୁ ଜାତୀୟ ରାଜପଥ ଉପରେ ଏହି ଦୁର୍ଘଟଣା ଘଟିଛି । ମୃତକମାନେ ଶିବାମୋଗା ଜିଲ୍ଲାର ଏମିହଟି ଗ୍ରାମର ବୋଲି ଜଣାପଡ଼ିଛି । ସେମାନେ ବିଭିନ୍ନ ଧାର୍ମିକସ୍ଥଳୀ ପରିଦର୍ଶନ କରି ଘରକୁ ଫେରୁଥିଲେ । ଆହତମାନଙ୍କୁ ହାବେରୀ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ଉଷା ଠାକୁର ଆୱାର୍ଡ

ହିନ୍ଦୀ ସାହିତ୍ୟର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଡକ୍ଟର ଉଷା ଠାକୁରଙ୍କୁ ଦ୍ୱାଦଶ ବିଶ୍ୱ ହିନ୍ଦୀ ସମ୍ମାନ ପ୍ରଦାନ କରାଯାଇଛି । ନେପାଳସ୍ଥିତ ଭାରତୀୟ ଦୂତାବାସ ଦ୍ୱାରା ଆୟୋଜିତ ହିନ୍ଦୀ ସମ୍ବାଦ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଡକ୍ଟର ଉଷା ଠାକୁର ହିନ୍ଦୀ ଏବଂ ନେପାଳୀ ଭାଷାରେ ୪୦ରୁ ଅଧିକ ସାହିତ୍ୟିକଙ୍କ ଲେଖା ଅନୁବାଦ କରିଛନ୍ତି । ଏହି ପୁରସ୍କାର ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଇଥାଏ । ୨୦୨୩ରେ ଫିଜିରେ ଆୟୋଜିତ ବିଶ୍ୱ ହିନ୍ଦୀ ସମ୍ମିଳନୀରେ ଡକ୍ଟର ଠାକୁର ଅନୁପସ୍ଥିତ ଥିବାରୁ କାଠମାଣ୍ଡୁର ତ୍ରିଭୂବନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ତାଙ୍କୁ ପୁରସ୍କୃତ କରାଯାଇଛି ।

---

## ୟୁଏସ୍ ପ୍ରେସିଡେଣ୍ଟ

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ରିପବ୍ଲିକ୍ ପ୍ରତିଦ୍ୱନ୍ଦୀ ତଥା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ପ୍ରଥମଥର ଲାଗି ତର୍କ ହୋଇଛି । ଦୁଇ ନେତା ଦେଶର ଅର୍ଥ ବ୍ୟବସ୍ଥାକୁ ନେଇ ଉଭୟ ଉଭୟଙ୍କର ସମାଲୋଚନା କରିଥିଲେ । ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ କାର୍ଯ୍ୟକାଳ ସମୟରେ ଅର୍ଥବ୍ୟବସ୍ଥାର ସ୍ଥିତି ଏବଂ କୋଭିଡ ସମୟରେ କିପରି ପରିସ୍ଥିତିର ସାମ୍ନା କରାଯାଇଥିଲା, ସେ ସଂପର୍କରେ କହିଥିଲେ । ରାଷ୍ଟ୍ରପତି ଜୋ ବାଇଡେନ୍ କୋଭିଡ ମହାମାରୀ ସମୟରେ କିଭଳି ଅର୍ଥ ବ୍ୟବସ୍ଥାକୁ ସଂକଟ ମଧ୍ୟକୁ ଠେଲି ଦିଆଯାଇଥିଲା, ସେ ନେଇ ଡୋନାଲ୍ଡ ଟ୍ରମ୍ପଙ୍କ ସରକାରର ସମାଲୋଚନା କରିଥିଲେ । ଶ୍ରୀ ବାଇଡେନ୍ କହିଥିଲେ ସେ ରାଷ୍ଟ୍ରପତି ହେବା ବେଳକୁ ଦେଶର ଅର୍ଥବ୍ୟବସ୍ଥା ପ୍ରାୟତଃ ସଂକଟ ମଧ୍ୟରେ ଥିଲା ଏବଂ ବେକାରୀ ହାର ୧୫ ପ୍ରତିଶତରୁ ଅଧିକ ରହିଥିଲା ।

ଏହାର ଜବାବରେ ଶ୍ରୀ ଟ୍ରମ୍ପ କହିଥିଲେ ଯେ ସେ କ୍ଷମତାରେ ଥିବା ବେଳେ ଆମେରିକାର ଅର୍ଥବ୍ୟବସ୍ଥା ବିଶ୍ୱର ସବୁଠାରୁ ବଡ଼ ଅର୍ଥବ୍ୟବସ୍ଥା ଭାବେ ପରିଗଣିତ ହୋଇଥିଲା ।

## ଇଣ୍ଡିଆ-ବାଂଲାଦେଶ ମିଡିଆ

ବାଙ୍ଗଲାଦେଶରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମା କହିଛନ୍ତି ଉଭୟ ଦେଶର ଗଣମାଧ୍ୟମ ସଂଗଠନ ଗୁଡ଼ିକ ମଧ୍ୟରେ ସୁସଂପର୍କ ରହିଛି । ଯାହାଫଳରେ ଉଭୟ ଦେଶ ମଧ୍ୟରେ ସଂପର୍କକୁ ଆହୁରି ଦୃଢ଼ କରାଯାଇ ପାରୁଛି । ଗତକାଲି ଢାକାରେ ବାଙ୍ଗଲାଦେଶ ରାଜନୈତିକ ସମ୍ବାଦଦାତା ସଂଘର ସଦସ୍ୟମାନଙ୍କ ସହ ଏକ ସ୍ୱତନ୍ତ୍ର ଆଲୋଚନା କାଳରେ ଶ୍ରୀ ବର୍ମା ଏହା କହିଛନ୍ତି । ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ଏହି ଆଲୋଚନା ହୋଇଥିଲା । ଗତମାସରେ ଏହି ସଂଘର ୨୦ ଜଣ ସଦସ୍ୟ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ସେମାନେ ଭାରତ ଆସି ବିଭିନ୍ନ ଘଟଣାକ୍ରମ ସଂପର୍କରେ ଜାଣିବାକୁ ପାଇଥିଲେ ।

## ଏନ୍‌ଟିଏ କମିଟି

ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏରେ ସଂସ୍କାର ଆଣିବା ପାଇଁ ସୁପାରିଶ କରିବାକୁ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଗଠିତ ବିଶେଷଜ୍ଞ କମିଟି ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କ ଠାରୁ ପ୍ରସ୍ତାବ ଲୋଡ଼ିଛନ୍ତି । ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ.ରାଧାକ୍ରିଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି **ମାଇଁ ଗଭ୍** ୱେବ୍‌ସାଇଟ୍ ଜରିଆରେ ପ୍ରସ୍ତାବ ଏବଂ ମତାମତ ଗ୍ରହଣ କରିବେ । ସାଧାରଣ ଲୋକେ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ସେମାନଙ୍କ ମତାମତ

ପଠାଇ ପାରିବେ । ଆସନ୍ତା ୨ମାସ ମଧ୍ୟରେ କମିଟି’ ଶିକ୍ଷା ମନ୍ତ୍ରଣାଳୟକୁ ଏନ୍‌ଟିଏରେ ସଂସ୍କାର ସମେତ ପରୀକ୍ଷା ପରିଚାଳନା ପ୍ରକ୍ରିୟା ଓ ଡାଟା ସୁରକ୍ଷା ସଂପର୍କିତ ରିପୋର୍ଟ ପ୍ରଦାନ କରିବ ।

## କିରଣ ପହଲ

ଭାରତୀୟ କ୍ରୀଡ଼ାବିତ୍ କିରନ ପହଲ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ମହିଳା ୪୦୦ ମିଟର ଇଭେଣ୍ଟ ପର୍ଯ୍ୟାୟରେ ଯୋଗ୍ୟତା ଅର୍ଜନ କରିଛନ୍ତି । ହରିଆନାର ୨୪ ବର୍ଷୀୟ କିରନ୍ ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ସ ଚାମ୍ପିୟନ୍‌ସିପ୍‌ରେ ଗତକାଲି ୫୦ ଦଶମିକ୍ ୯/୨ ସେକେଣ୍ଡରେ ଏହି ଦୂରତା ଅତିକ୍ରମ କରି ଯୋଗ୍ୟତା ଅର୍ଜନ କରିଛନ୍ତି । ଅଲିମ୍ପିକ୍ସରେ ଯୋଗ୍ୟତା ଅର୍ଜନ ଲାଗି ୫୦ ଦଶମିକ୍ ୯/୫ ସେକେଣ୍ଡ ସ୍ଥିର କରାଯାଇଛି । ହିମା ଦାସଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ କିରଣ ପହଲ ୪୦୦ ମିଟର ମହିଳା ଦୌଡ଼ରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି । ଜାକର୍ତ୍ତାଠାରେ ଅନୁଷ୍ଠିତ ୨୦୧୮ ଏସିଆନ୍ ଗେମ୍ସରେ ସେ ୫୦ ଦଶମିକ୍ ୭/୯ ସେକେଣ୍ଡରେ ୪୦୦ ମିଟର ଅତିକ୍ରମ କରିଥିଲେ । ଆଜି ପଞ୍ଚକୁଲା ଠାରେ ମହିଳା ୪୦୦ ମିଟର ପର୍ଯ୍ୟାୟର ଫାଇନାଲ୍ ଅନୁଷ୍ଠିତ ହେବ ।

## କ୍ରିକେଟ୍

ଭାରତ ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ସେମିଫାଇନାଲ୍‌ରେ ୬୮ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରି ଫାଇନାଲ୍‌କୁ ଉନ୍ନିତ ହୋଇଛି । ଗତକାଲି ଗୁଆନାରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ୍‌ରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ଭାରତ ୭ ୱିକେଟ୍ ବିନିମୟରେ ୧୭୧ରନ୍ କରିଥିଲା । ରୋହିତ ଶର୍ମା

୩୯ଟି ବଲ୍‌ରେ ୫୭ରନ୍ କରିଥିବା ବେଳେ ସୂର୍ଯ୍ୟ କୁମାର ଯାଦବ ୩୬ଟି ବଲ୍‌ରେ ୪୭ ଏବଂ ହାର୍ଦ୍ଦିକ ପାଣ୍ଡିଆ ୧୩ଟି ବଲ୍‌ରେ ୨୩ରନ୍ ସ୍କୋର କରିଥିଲେ । ଏହାର ଜବାବରେ ଇଂଲଣ୍ଡ ୧୬ ଓଭର ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୦୩ରନ୍ ସ୍କୋର କରିବାକୁ ସକ୍ଷମ ହୋଇଥିଲା । ଉଭୟ କୁଲଦୀପ ଯାଦବ ଏବଂ ଅକ୍ଷର ପଟେଲ୍ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ । ଯଶପ୍ରିତ ବୁମରା ୨ଟି ୱିକେଟ୍ ହାସଲ କରିଥିଲା । ଅକ୍ଷର ପଟେଲଙ୍କୁ ପ୍ଲେଆର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଆସନ୍ତାକାଲି ରାତି ୮ଟାରେ ବାର୍‌ବାଡୋଜ୍ ଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।

---